# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 27 September – 2026

********************************

## ମୁଖ୍ୟ ସମ୍ବାଦ

- ଜନଗଣନା ଦେଶର ଉନ୍ନତ ଭବିଷ୍ୟତ ପାଇଁ ଅତ୍ୟନ୍ତ ଜରୁରୀ; ଆକାଶବାଣୀର ମନ୍ କି ବାତ୍‌ରେ କହିଲେ ପ୍ରଧାନମନ୍ତ୍ରୀ

– ନିଶାମୁକ୍ତ ଯୁବ ଅଭିଯାନରେ ସାମିଲ ହେବାକୁ ଦେଲେ ଆହ୍ୱାନ

- ବନ୍ୟା ପ୍ରଭାବିତ ଅଞ୍ଚଳରେ ପ୍ରାଥମିକତା ଭିତ୍ତିରେ ସହାୟତା ପହଁଞ୍ଚାଇବାକୁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ
- ରାଜ୍ୟରେ ଉଚ୍ଚ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ନିବେଶ ପାଇଁ ୧ ହଜାର କୋଟି ଟଙ୍କାର ପ୍ରସ୍ତାବ ଆଗତ

ଏବଂ

- ଏସୀୟ କ୍ରୀଡ଼ାର ସ୍କ୍ୱାଶ ପ୍ରତିଯୋଗିତାରେ ଭାରତକୁ ଦୁଇଟି ରୌପ୍ୟ

# ମନ୍ କି ବାତ୍

ଜନଗଣନା ଦେଶର ପ୍ରଗତି ଓ ଉନ୍ନତ ଭବିଷ୍ୟତର ଯୋଜନା ପାଇଁ ଅତ୍ୟନ୍ତ ଜରୁରୀ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି । ମାସିକ ରେଡ଼ିଓ କାର୍ଯ୍ୟକ୍ରମ ‘ମନ୍ କୀ ବାତ୍’ର ୧୩୮ତମ ସଂସ୍କରଣରେ ଆଜି ପ୍ରଧାନମନ୍ତ୍ରୀ ବିଭିନ୍ନ ଜନକଲ୍ୟାଣମୂଳକ ଓ ପ୍ରେରଣାଦାୟୀ ପ୍ରୟାସ ସମ୍ପର୍କରେ ଦେଶବାସୀଙ୍କ ସହ ଭାବବିନିମୟ କରିଛନ୍ତି । ପ୍ରଧାନମନ୍ତ୍ରୀ କହିଛନ୍ତି, ଜନଗଣନାରେ ପ୍ରତ୍ୟେକ ନାଗରିକଙ୍କ ଅଂଶଗ୍ରହଣ ଜନକଲ୍ୟାଣ ପାଇଁ ଯୋଜନାଗୁଡ଼ିକୁ ମାର୍ଗଦର୍ଶନ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । ଦେଶର ବିଭିନ୍ନ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ପ୍ରଥମ ପର୍ଯ୍ୟାୟର କାର୍ଯ୍ୟ ପ୍ରାୟ ଶେଷ ହୋଇଛି ଏବଂ ୩୨ କୋଟିରୁ ଅଧିକ ପରିବାରର ତଥ୍ୟ ରେକର୍ଡ ହୋଇସାରିଛି । ମୋବାଇଲ୍ ମାଧ୍ୟମରେ ନିଜେ ଜନଗଣନା ତଥ୍ୟ ପଞ୍ଜୀକରଣ କରିବା ସୁବିଧାର ଲାଭ ନେବାକୁ ପ୍ରଧାନମନ୍ତ୍ରୀ ଦେଶବାସୀଙ୍କୁ ଆହ୍ୱାନ ଦେଇଛନ୍ତି ।

**- V/O -**

ପ୍ରଧାନମନ୍ତ୍ରୀ କହିଛନ୍ତି, ଆତଙ୍କବାଦ ବିରୋଧରେ ଭାରତର ଆଭିମୁଖ୍ୟ ଅତ୍ୟନ୍ତ ସ୍ପଷ୍ଟ । ଭାରତ ଆତଙ୍କବାଦ ବିରୁଦ୍ଧରେ ଶୂନ୍ୟ ସହନଶୀଳତା ନୀତି ଆପଣାଇଛି, ଯାହାର ଫଳାଫଳ ଦେଖିବାକୁ ମଧ୍ୟ ମିଳିଛି ।

ଆସନ୍ତା ଅକ୍ଟୋବର ୨ ତାରିଖ ଗାନ୍ଧୀ ଜୟନ୍ତୀ ପୂର୍ବରୁ ସ୍ୱଚ୍ଛତାକୁ ଜନଆନ୍ଦୋଳନରେ ପରିଣତ କରିବାକୁ ଶ୍ରୀ ମୋଦୀ ଆହ୍ୱାନ ଦେଇଛନ୍ତି। ବିଭିନ୍ନ ରାଜ୍ୟରେ ଯୁବବର୍ଗଙ୍କ ଦ୍ୱାରା ନଦୀ, ପୁରାତନ କୂପ ଓ ସମୁଦ୍ରତଟ ସଫେଇ ଭଳି କାର୍ଯ୍ୟକୁ ପ୍ରଧାନମନ୍ତ୍ରୀ ପ୍ରଶଂସା କରିଛନ୍ତି।

ନିଶାମୁକ୍ତ ଯୁବ ସମାଜ ଗଠନ ପାଇଁ ଚାଲିଥିବା 'ନିଶାମୁକ୍ତ ଯୁବ ଅଭିଯାନ'ରେ ଅଧିକରୁ ଅଧିକ ଯୁବକଯୁବତୀଙ୍କୁ ସାମିଲ ହେବାକୁ ଶ୍ରୀ ମୋଦୀ ଆହ୍ୱାନ ଦେଇଛନ୍ତି।

ପୋଷଣ ମାସ ଅବସରରେ ବିଭିନ୍ନ ରାଜ୍ୟରେ ଚାଲିଥିବା ପୋଷଣ ସଚେତନତା କାର୍ଯ୍ୟକ୍ରମର ପ୍ରଧାନମନ୍ତ୍ରୀ ପ୍ରଶଂସା କରିଛନ୍ତି।

'ମନ୍ କି ବାତ୍'ରେ ଶ୍ରୀ ମୋଦୀ ଗଣେଶ ଉତ୍ସବ ପ୍ରସଙ୍ଗରେ ଥାଇଲାଣ୍ଡରେ ଭଗବାନ ଗଣେଶଙ୍କ ଉପାସନା ଓ ଭାରତୀୟ ସଂସ୍କୃତିର ବୃଦ୍ଧି ପାଉଥିବା ପ୍ରଭାବ ସମ୍ପର୍କରେ କହିଛନ୍ତି।

Desk

# ମୁଖ୍ୟମନ୍ତ୍ରୀ-ବନ୍ୟା ସ୍ଥିତି ଅନୁଧାନ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଆକାଶମାର୍ଗରୁ  ରାଜ୍ୟର ବନ୍ୟା ପ୍ରଭାବିତ ଗଞ୍ଜାମ, କୋରାପୁଟ ଓ ନବରଙ୍ଗପୁର ଜିଲ୍ଲାର ସ୍ଥିତି ଅନୁଧାନ କରିଛନ୍ତି। ପରେ ଡଙ୍ଗା ସାହାଯ୍ୟରେ କୋରାପୁଟର କୋଟପାଡ ଅଞ୍ଚଳ ଗସ୍ତରେ ଯାଇ ବନ୍ୟା ପ୍ରଭାବିତ ଅଞ୍ଚଳର ପରବର୍ତ୍ତୀ ସ୍ଥିତିର ସମୀକ୍ଷା କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ପ୍ରଭାବିତ ଅଞ୍ଚଳରେ ରିଲିଫ

ବଣ୍ଟନ, ଉଦ୍ଧାର କାର୍ଯ୍ୟ, ପାନୀୟଜଳ ଏବଂ ସ୍ୱାସ୍ଥ୍ୟସେବା ପ୍ରଦାନ କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ ଜାରି ରହିଛି। ପ୍ରଭାବିତମାନଙ୍କ ନିକଟରେ ପ୍ରାଥମିକତା ଭିତ୍ତିରେ ଆବଶ୍ୟକୀୟ ସହାୟତା ପହଁଞ୍ଚାଇବା ପାଇଁ ଜିଲ୍ଲା ପ୍ରଶାସନ ଓ ସମ୍ପୃକ୍ତ ବିଭାଗଗୁଡ଼ିକୁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ନିର୍ଦ୍ଦେଶ ଦେଇଛନ୍ତି। କୋରାପୁଟ ଜିଲ୍ଲା ଚାନ୍ଦିଲୀ ହାଇସ୍କୁଲରେ ଆଶ୍ରୟ ନେଇଥିବା ପ୍ରଭାବିତ ଲୋକଙ୍କ ସୁବିଧା ଅସୁବିଧା ସମ୍ପର୍କରେ ମୁଖ୍ୟମନ୍ତ୍ରୀ ପଚାରି ବୁଝିଛନ୍ତି। ସ୍ଥାନୀୟ ଜନପ୍ରତିନିଧି ଓ ପ୍ରଶାସନିକ ଅଧିକାରୀଙ୍କ ସହ ଆଲୋଚନା କରି ସହାୟତା କାର୍ଯ୍ୟକୁ ଆହୁରି ତ୍ୱରାନ୍ୱିତ କରିବା ପାଇଁ ଶ୍ରୀ ମାଝୀ ନିର୍ଦ୍ଦେଶ ଦେଇଛନ୍ତି। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ' ମୁଖ୍ୟମନ୍ତ୍ରୀଙ୍କ ସହ ବନ୍ୟାଞ୍ଚଳ ପରିଦର୍ଶନ କରି ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି, କ୍ଷୟକ୍ଷତିର ଆକଳନ କରି ରିପୋର୍ଟ ପ୍ରଦାନ କରିବାକୁ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ପ୍ରଭାବିତ ଲୋକଙ୍କୁ ପ୍ରାଥମିକତା ଭିତ୍ତିରେ ସମସ୍ତ ସହଯୋଗ ପ୍ରଦାନ କରାଯିବ ବୋଲି ଶ୍ରୀ ପୂଜାରୀ କହିଛନ୍ତି।

**- V/O –**

BBSR/R

# ପ୍ରଯୁକ୍ତିବିଦ୍ୟା–ନିବେଶ

ରାଜ୍ୟରେ ୧ ହଜାର କୋଟି ଟଙ୍କାର ଉଚ୍ଚ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ନିବେଶ ପାଇଁ ସିଲିକନ୍ ଭ୍ୟାଲି ସଂସ୍ଥା ଫାର୍ମଏକ୍ସ ପକ୍ଷରୁ ରାଜ୍ୟ ସରକାରଙ୍କ

ନିକଟରେ ଏକ ପ୍ରସ୍ତାବ ଆଗତ କରାଯାଇଛି। ଫାର୍ମଏକ୍ସର ମୁଖ୍ୟ ପରିଚାଳନା ଅଧିକାରୀଙ୍କ ସହ ଏକ ପ୍ରତିନିଧିମଣ୍ଡଳୀ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତୀକରଣ ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କୁ ସାକ୍ଷାତ କରି ଏହି ପ୍ରସ୍ତାବକୁ ଉପସ୍ଥାପନ କରିଛନ୍ତି। ରାଜ୍ୟରେ ପ୍ରଯୁକ୍ତିବିଦ୍ୟାର ବ୍ୟବହାର ଉପରେ ଗୁରୁତ୍ୱାରୋପ କରି ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ କହିଛନ୍ତି, କୃଷି ଉତ୍ପାଦନ କ୍ଷେତ୍ରରେ କୃତ୍ରିମ ବୁଦ୍ଧିମତା, ସେମିକଣ୍ଡକ୍ଟର ଏବଂ ଇଲେକ୍ଟ୍ରିକ୍ ଯାନ ଭଳି ଆଧୁନିକ ଜ୍ଞାନକୌଶଳର ପ୍ରୟୋଗ ଦ୍ୱାରା ଓଡ଼ିଶାର ଯୁବବର୍ଗଙ୍କ ପାଇଁ ଉଚ୍ଚଦକ୍ଷତା ସମ୍ପନ୍ନ ନିଯୁକ୍ତି ସୃଷ୍ଟି ହେବା ସହ କୃଷକଙ୍କ ଆୟ ବୃଦ୍ଧି ପାଇବ। ଏହି ପ୍ରକଳ୍ପ ଅଧୀନରେ ଓଡ଼ିଶାରେ ଏକ ବିଶ୍ୱସ୍ତରୀୟ ଉତ୍ପାଦନ କ୍ୟାମ୍ପସ ସହ ସ୍ମାର୍ଟ କୃଷି କାର୍ଯ୍ୟକ୍ରମ ପ୍ରତିଷ୍ଠା କରାଯିବ। ଯାହା ପ୍ରତ୍ୟକ୍ଷ ଓ ପରୋକ୍ଷଭାବେ ୪ ହଜାରରୁ ଊର୍ଦ୍ଧ୍ୱ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ।

Boudh/KPD/Boudh/Nayagada

# ପର୍ଯ୍ୟଟନ ଦିବସ

**ପର୍ଯ୍ୟଟନର ବିକାଶରେ ପ୍ରଯୁକ୍ତିବିଦ୍ୟା ଓ କୃତ୍ରିମ ବୁଦ୍ଧିମତା ଆଧାରିତ ପଦକ୍ଷେପ** ବାର୍ତ୍ତା ନେଇ ଆଜି ବିଶ୍ୱ ପର୍ଯ୍ୟଟନ ଦିବସ ପାଳନ କରାଯାଉଛି । ୧୯୮୦ ମସିହାଠାରୁ ଜାତିସଂଘ ବିଶ୍ୱ ପର୍ଯ୍ୟଟନ ସଂଗଠନ ପକ୍ଷରୁ ଆଜିର ଦିନକୁ ବିଶ୍ୱବ୍ୟାପୀ ପାଳନ କରାଯାଇଆସୁଛି।

ଏହି ଦିବସ ଅବସରରେ ଭୁବନେଶ୍ୱର ଲୋକସେବା ଭବନଠାରେ ହୋମ ଷ୍ଟେ’ ପାଇଁ ଆର୍ଥିକ ସହାୟତା ନିମନ୍ତେ ଏସ୍‌ବିଆଇ ସହ ଐତିହ୍ୟ

ପର୍ଯ୍ୟଟନର ବିକାଶକୁ ନେଇ ଏ.ଏସ୍.ଆଇ. ସହ ସାହସିକ ପର୍ଯ୍ୟଟନ ପ୍ରୋତ୍ସାହନ ପାଇଁ  ଇଣ୍ଡିଆନ୍ କାୟାକିଙ୍ଗ୍ ଆଣ୍ଡ କାନୋଇଙ୍ଗ୍ ଆସୋସିଏସନ୍ ସହ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଏହି ଭାଗିଦାରୀ ଓଡ଼ିଶାର ପର୍ଯ୍ୟଟନ କ୍ଷେତ୍ରକୁ ଆହୁରି ସୁଦୃଢ଼ କରିବା ସହ ନୂତନ ରୋଜଗାର ସୁଯୋଗ ସୃଷ୍ଟି କରିବ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି। ବରକୂଳଠାରେ ଓ.ଟି.ଡି.ସି.ର ଇଭି ବୋଟ୍ ଏବଂ କ୍ୟାଟାମାରାନ୍‌ର ଶୁଭାରମ୍ଭ କରାଯାଇଛି। ଚିଲିକା ହ୍ରଦର ଅପୂର୍ବ ପ୍ରାକୃତିକ ସୌନ୍ଦର୍ଯ୍ୟ ସହ ଆଧୁନିକ ପରିବେଶ ଅନୁକୂଳ ପର୍ଯ୍ୟଟନର ଏହି ନୂଆ ପଦକ୍ଷେପ ପର୍ଯ୍ୟଟକଙ୍କ ଯାତାୟାତକୁ ଆହୁରି ସୁଯୋଗ ଓ ସୁବିଧାଜନ କରିବ ବୋଲି ଶ୍ରୀମତୀ ପରିଡ଼ା କହିଛନ୍ତି। ଓଡ଼ିଶା ଭ୍ରମଣର ଅନୁଭୂତିକୁ ଆହୁରି ସମୃଦ୍ଧ କରିବା ପାଇଁ ଲକ୍‌ଜରୀ କୋଚ୍‌ର ଶୁଭାରମ୍ଭ କରାଯାଇଛି। ଓଡ଼ିଶା ହୋମ୍ ଷ୍ଟେ’ ଏଷ୍ଟାବ୍ଲିସମେଣ୍ଟ ଯୋଜନା ଅଧୀନରେ ୧୭ ଜଣ ହିତାଧିକାରୀଙ୍କୁ ଅସ୍ଥାୟୀ ପଞ୍ଜୀକରଣ ପ୍ରମାଣପତ୍ର ଏବଂ ସାହସିକ ପର୍ଯ୍ୟଟନ ଆୟୋଜକଙ୍କୁ ପ୍ରମାଣପତ୍ର ଉପମୁଖ୍ୟମନ୍ତ୍ରୀ ବଣ୍ଟନ କରିଛନ୍ତି। ଏହା ମାଧ୍ୟମରେ ସ୍ଥାନୀୟ ଉଦ୍ୟୋଗୀଙ୍କୁ ପ୍ରୋତ୍ସାହନ ଦେବା ସହ ରାଜ୍ୟରେ ହୋମ ଷ୍ଟେ’ ଓ ଦୁଃସାହସିକ ପର୍ଯ୍ୟଟନକୁ ସୁଦୃଢ଼ କରିବାର ଲକ୍ଷ୍ୟ ରଖାଯାଇଛି।

ନୟାଗଡ଼, କେନ୍ଦ୍ରାପଡ଼ା, ବୌଦ୍ଧ ଜିଲ୍ଲାରେ ପର୍ଯ୍ୟଟନ ଦିବସ ପାଳିତ ହୋଇଯାଇଛି।

Jajpur

# ସେବା ସଂକଳ୍ପ ଅଭିଯାନ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନସେବାକୁ ୨୫ ବର୍ଷ ପୂରଣ ହୋଇଛି । ଜନସେବାରୁ ଦେଶସେବା ମନ୍ତ୍ର ଆଧାରିତ ଜୟଯାତ୍ରା ଏବଂ ଏପର୍ଯ୍ୟନ୍ତ ଜାରି ରହିଥିବା ନିରନ୍ତର ଅଙ୍ଗୀକାରବଦ୍ଧତାକୁ ଏହା ପ୍ରକାଶ କରୁଛି । ସେବା ଏବଂ ସୁଶାସନକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ୨୦୪୭ ମସିହା ସୁଦ୍ଧା ବିକଶିତ ଭାରତ ଲକ୍ଷ୍ୟ ପୂରଣ ଲାଗି ନିରନ୍ତର କାର୍ଯ୍ୟ କରିଆସୁଛନ୍ତି । ସମାବେଶୀ ବିକାଶ ଏବଂ ସାମାଜିକ ସଶକ୍ତୀକରଣ ଜରିଆରେ ଏହି ଉତ୍ସର୍ଗୀକୃତ ସିଦ୍ଧାନ୍ତ ଜୀବନ୍ତ ରୂପ ନେଇଛି । ସେବା ସଂକଳ୍ପ ଅଭିଯାନର ଏହି ଧାରାବାହିକରେ ଆଜି ଶୁଣନ୍ତୁ **'ପ୍ରଧାନମନ୍ତ୍ରୀ ଆବାସ ଯୋଜନା'** ସମ୍ପର୍କରେ...

ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସମାଜର ଗରିବ ଓ ମଧ୍ୟବିତ୍ତ ବର୍ଗକୁ ଘର ଯୋଗାଇ ଦିଆଯାଉଛି । ୨୦୧୫ ମସିହା ଜୁନ୍ ମାସ ୨୫ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ଯୋଜନାର ଶୁଭାରମ୍ଭ କରିଥିଲେ । ଯୋଜନା ଅଧୀନରେ ଗ୍ରାମାଞ୍ଚଳ ଲୋକଙ୍କ ପାଇଁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଗ୍ରାମୀଣ ଓ ସହରାଞ୍ଚଳ ପାଇଁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା କାର୍ଯ୍ୟ କରୁଛି । ତଥ୍ୟ ଅନୁଯାୟୀ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ସହରାଞ୍ଚଳ ଅଧୀନରେ ଯାଜପୁର ଜିଲ୍ଲାର ବିଭିନ୍ନ ବ୍ଲକରେ ପକ୍କା ଘର ମଞ୍ଜୁର କରାଯାଇଛି । ଜିଲ୍ଲାର ୩ ହଜାର ୧୪୬ ଜଣ ହିତାଧିକାରୀଙ୍କୁ ସହାୟତା ପାଇଁ ମଞ୍ଜୁରି ମିଳିଥିବାବେଳେ ସେଥିମଧ୍ୟରୁ ୨ ହଜାର ୭୫୪

ଜଣ ଗୃହ ନିର୍ମାଣ କରିସାରିଛନ୍ତି। ଏ ସମ୍ପର୍କରେ ମଲ୍ଲାରିଆ ଗ୍ରାମର ହିତାଧିକାରୀ ବନିତା ମହାରଣା କହିଛନ୍ତି...

**- V/O -**

English Pool

## ଏସିଆନ୍ ଗେମ୍ସ

ଜାପାନରେ ଚାଲିଥିବା ଏସୀୟ କ୍ରୀଡ଼ାରେ ଭାରତ ଆଜି ସ୍କ୍ୱାଶ୍‌ରେ ଦୁଇଟି ରୌପ୍ୟ ପଦକ ହାସଲ କରିଛି। ଅଭୟ ସିଂହ ପୁରୁଷ ଏକକ ବର୍ଗରେ ରୌପ୍ୟ ପଦକ ଜିତିଛନ୍ତି। ସେହିଭଳି ମହିଳା ଏକକ ଫାଇନାଲ୍‌ରେ ମଧ୍ୟ ଅନାହତ ସିଂହ ରୌପ୍ୟ ପଦକ ହାସଲ କରିଛନ୍ତି ।

ଏହା ବ୍ୟତୀତ, ଭାରତର ହରିତା ଭଦ୍ରା ଆଜି ମହିଳା ୨୦୦ ମିଟର ଦୌଡ଼ ପ୍ରତିଯୋଗିତାରେ କାଂସ୍ୟ ବିଜୟୀ ହୋଇଛନ୍ତି ।

ବର୍ତ୍ତମାନ ଭାରତ ୪ଟି ସ୍ୱର୍ଣ୍ଣ, ୧୪ଟି ରୌପ୍ୟ ଓ ୧୫ଟି ବ୍ରୋଞ୍ଜ ପଦକ ସହ ୩୩ଟି ପଦକ ପାଇଛି।

Subarnpur

## ସାହାଣୀ କପ୍

ସୁବର୍ଣ୍ଣପୁର ଗାନ୍ଧୀ ଷ୍ଟାଡିୟମ୍‌ଠାରେ ଚାଲିଥିବା ୬୫ତମ ସାହାଣୀ କପ୍ ଫୁଟବଲ୍ ଲିଗ୍‌ର ଆଜି ଅନୁଷ୍ଠିତ ପ୍ରଥମ ମ୍ୟାଚ୍‌ରେ କଟକ ଦଳ ପୁରୀକୁ ୧୩-୦ ଗୋଲ୍‌ରେ ପରାସ୍ତ କରିଛି। ଦ୍ୱିତୀୟ ମ୍ୟାଚ୍‌ରେ ଗଞ୍ଜାମ ଓ ନୟାଗଡ଼ ମଧ୍ୟରେ ଚାଲିଥିବା ମ୍ୟାଚ୍ ଡ୍ର’ ରହିଛି।

KPD/Boudh/Nayagada/

## ଏଥର କିଛି ଖବର ସଂକ୍ଷେପରେ

କେନ୍ଦ୍ରାପଡ଼ା ଜିଲ୍ଲାରେ 'ଅଙ୍ଗନ୍ କା ଉତ୍ସବ'-୨୦୨୬ ପାଳିତ ହୋଇଯାଇଛି। ଜିଲ୍ଲାପାଳ ରଘୁରାମ ଆର ଆୟାର ବଡ଼ହାଟ ଓ ବଟାପୁର ଅଙ୍ଗନବାଡ଼ି କେନ୍ଦ୍ର ପରିଦର୍ଶନ କରି ଉତ୍ସବରେ ସାମିଲ ହୋଇଥିଲେ।

.....

ବୌଦ୍ଧ ଟାଉନ ହଲଠାରେ ଜିଲ୍ଲାସ୍ତରୀୟ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଂଗଠନର ପ୍ରତିଷ୍ଠା ଦିବସ ଅନୁଷ୍ଠିତ ହୋଇଯାଇଛି।

.....

ନୟାଗଡ଼ ଜିଲ୍ଲା ଖଣ୍ଡପଡ଼ା ବ୍ଲକ କନ୍ଧପଥରା ଉପସ୍ୱାସ୍ଥ୍ୟ କେନ୍ଦ୍ରଠାରେ ସେବା ସଂକଳ୍ପ ଓ ଆସ ଗାଁକୁ ଯିବା ଅଭିଯାନ ଅନୁଷ୍ଠିତ ହୋଇଯାଇଛି।

.....

Kendrapada

## ସୁନାମୀ ପ୍ରସ୍ତୁତି

ଜାତୀୟ ସୁନାମୀ ପ୍ରସ୍ତୁତ ବୋର୍ଡ ଏବଂ ଭାରତୀୟ ଜାତୀୟ ସମୁଦ୍ର ସୂଚନା ସେବା କେନ୍ଦ୍ରର ଏକ ଦୁଇ ଜଣିଆ ପ୍ରତିନିଧି ଦଳ କେନ୍ଦ୍ରାପଡ଼ା ଜିଲ୍ଲାର ସମୁଦ୍ର ଉପକୂଳବର୍ତ୍ତୀ ରାଜନଗର ବ୍ଲକର ଶୈଳେନ୍ଦ୍ରସରାଇ ଗ୍ରାମ ପରିଦର୍ଶନ କରିଛନ୍ତି। ସମୁଦ୍ର ସୂଚନା ସେବା କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଜେ.ପଦ୍ମନାଭନ ଏବଂ ଏଚ୍.ଶିବକୁମାରଙ୍କୁ ନେଇ ଆସିଥିବା ଦୁଇଜଣିଆ ପ୍ରତିନିଧି ଦଳ ଗ୍ରାମବାସୀଙ୍କ ସହ ସୁନାମୀ ମୁକାବିଲା ପ୍ରସ୍ତୁତି ସମ୍ପର୍କରେ ଆଲୋଚନା କରିବା ସହ କ୍ଷେତ୍ରସ୍ତରୀୟ ସମୀକ୍ଷା କରିଛନ୍ତି।

Boudh/BHK/Desk

# ପାଣିପାଗ

କେନ୍ଦ୍ରୀୟ ଥାଇଲାଣ୍ଡ ଉପରେ ସକ୍ରିୟ ଘୂର୍ଣ୍ଣିବଳୟ ପ୍ରଭାବରେ ଦକ୍ଷିଣ-ପୂର୍ବ ମିଆଁମାର ଉପକୂଳରେ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ଏହା ଆଣ୍ଡାମାନ ଓ ମିଆଁମାର ସଂଲଗ୍ନ ଇରାୱାଡ଼ି ଅଞ୍ଚଳକୁ ପ୍ରବେଶର ସମ୍ଭାବନା ରହିଛି। ଉତ୍ତର-ପୂର୍ବ ବଙ୍ଗୋପସାଗର ଓ ସଂଲଗ୍ନ ବାଂଲାଦେଶ ଆଡ଼କୁ ଏହା ଅଗ୍ରସର କରିବ।

ଉତ୍ତରପୂର୍ବ ମଧ୍ୟପ୍ରଦେଶ ଓ ସଂଲଗ୍ନ ଉତ୍ତର ଛତିଶଗଡ ଉପରେ ଅବପାତ ଦୁର୍ବଳ ହେବାପରେ ରାଜ୍ୟରେ ବର୍ଷାର ପରିମାଣ ହ୍ରାସ ପାଇଛି। ଆସନ୍ତା ୨୪ଘଣ୍ଟା ମଧ୍ୟରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ହେବା ନେଇ ୮ଟି ଜିଲ୍ଲାକୁ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି। ଉପରମୁଣ୍ଡରେ ପ୍ରବଳ ବର୍ଷା ଯୋଗୁଁ ମହାନଦୀ ଓ ଏହାର ଶାଖାନଦୀଗୁଡ଼ିକରେ ବିପଦସଙ୍କେତ ଉପରେ ବନ୍ୟାଜଳ ପ୍ରବାହିତ ହେଉଛି। ସନ୍ଧ୍ୟା ୬ଟା ସୁଦ୍ଧା ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୨୮ ଦଶମିକ ୩୯ ଫୁଟ ରହିଛି। ଜଳଭଣ୍ଡାର ମଧ୍ୟକୁ ପ୍ରତି ସେକେଣ୍ଡରେ ୪ ଲକ୍ଷ ୯୫ ହଜାର ୭୭୩ ଘନଫୁଟ ଜଳ ପ୍ରବେଶ କରୁଥିବାବେଳେ ୨୮ଟି ଗେଟ୍ ଦେଇ ୪ ଲକ୍ଷ /୫୬ ହଜାର ୭୯୨ ଘନଫୁଟ ଜଳ ନିଷ୍କାସିତ ହେଉଛି।

ଭଦ୍ରକ ଜିଲ୍ଲାର ଶାଳନ୍ଦୀ ନଦୀର ରାଜଘାଟ ଓ ବୈତରଣୀ ନଦୀ ଆଖୁଆପଦାଠାରେ ଜଳସ୍ତର ବୃଦ୍ଧି ପାଇବା ଯୋଗୁଁ ଜିଲ୍ଲାର ୫ଟି ବ୍ଲକ ୧୮୦ଟି ଗ୍ରାମର ୨ ଲକ୍ଷ ଲୋକ ପ୍ରଭାବିତ ହୋଇଛନ୍ତି। ୭ ହଜାର ୩୦୦ ଜଣଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଥିବା ଜିଲ୍ଲା ପ୍ରଶାସନ ପକ୍ଷରୁ ଜଣାପଡ଼ିଛି।

ବୌଦ୍ଧ ଜିଲ୍ଲା ଦେଇ ଯାଇଥିବା ମହାନଦୀ, ତେଲ ନଦୀ, ସାଲୁଙ୍କୀ ନଦୀର ଜଳସ୍ତର ବୃଦ୍ଧି ପାଉଛି।